DOI : https://doi.org/10.5281/zenodo.13705863 ମୂଳ ପ୍ରବନ୍ଧ

# ଆଧୁନିକ ଓଡ଼ିଆ କବିତାରେ ହୃଦାନନ୍ଦ ପାଣିଗ୍ରାହୀ

**ଅରବିନ୍ଦ ଦାସ**

**ସାର ସଂକ୍ଷେପ :**

୧୯୮୦ ପରବର୍ତ୍ତୀ ଓଡ଼ିଆ କାବ୍ୟ ଧାରାରେ କବି ହୃଦାନନ୍ଦ ପାଣିଗ୍ରାହୀଙ୍କ କାବ୍ୟସ୍ୱର ସ୍ୱତନ୍ତ୍ରତା ଦାବି କରେ । 'ଅନନ୍ତ ପ୍ରେମର ଗୀତ' , 'ଲୁହର ଟୋପାଏ ଜହ୍ନ' , 'ନଷ୍ଟ ପାଦ' , 'ମାଟିକଥା' , 'ପାଣି ଫୋଟକା', 'ମନେ ପଡେ' ପ୍ରଭୃତି ତାଙ୍କର ପ୍ରକାଶିତ କବିତା ଗ୍ରନ୍ଥ । ମୁଖ୍ୟତଃ ଗାଁର ଚରିତ୍ର, ପରିବେଶ ଓ ପ୍ରସଂଗକୁ ନେଇ ତାଙ୍କର କବିତାର ଭାବବସ୍ତୁ ଗତିଶୀଳ । ଏହା ବ୍ୟତୀତ ତାଙ୍କ କବିତାରେ ଅବକ୍ଷୟ ସମାଜ ଓ ସଂସ୍କୃତିର ବାସ୍ତବତାର ରୂପାୟନ ହେବା ସହିତ ଆଧୁନିକ ସହରୀ ମଣିଷର ଛଦ୍ମତାର ମୁକ୍ତ ପରିପ୍ରକାଶ ଘଟିଛି । ଏଠାରେ ତାଙ୍କର କବି ସତ୍ତା ଓ କାବ୍ୟ ଚେତନାକୁ ଆକଳନ କରିବାକୁ ପ୍ରୟାସ କରାଯାଇଛି ।

**ସୂଚକ ଶବ୍ଦ :** ଗ୍ରାମ୍ୟ ସଭ୍ୟତା, ଅବକ୍ଷୟ ସମାଜ , ରୋମାଣ୍ଟିକ ମାନବବାଦ, ଆତ୍ମୀୟତାର ଝଲକ, ଅବ୍ୟକ୍ତ ବ୍ୟଥା ।

ଓଡ଼ିଆ କାବ୍ୟଧାରାକୁ ରାଧାନାଥ ରାୟ ପାଶ୍ଚାତ୍ୟ ସାହିତ୍ୟର ଅନୁକରଣ ଓ ଅନୁସରଣରେ ଆଧୁନିକ ରୂପ ପ୍ରଦାନ କଲେ । ମାତ୍ର, ସଚ୍ଚିଦାନନ୍ଦ ରାଉତରାୟଙ୍କ ଠାରୁ ଓଡ଼ିଆ କାବ୍ୟଧାରା ବାସ୍ତବତାକୁ ଭିତ୍ତିକଲା । ପ୍ରାଚ୍ୟ କାବ୍ୟଧାରା ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଭିତରେ ଆବଦ୍ଧ ଥିଲା । ସଚ୍ଚିରାଉତରାୟଙ୍କ ଠାରୁ ଦେଖାଦେଲା ଏହାର ଭିନ୍ନତା । ସଂକ୍ଷିପ୍ତ ବା ଛୋଟ ବା ଅଳ୍ପ କଥାବସ୍ତୁକୁ ନେଇ, ପ୍ରାଚ୍ୟ କାବ୍ୟ ଶୈଳୀକୁ ପରିହାର କରି 'କବିତା'ର ରୂପକୁ ଓଡ଼ିଆ କାବ୍ୟଧାରା ଆପଣେଇଲା । ଏହିଠାରୁ ଆଧୁନିକ ଓଡ଼ିଆ କବିତାର ବିଶେଷ ଆଦୃତି ପାଇଲା ।

ଅଶୀ ଦଶକ ଅର୍ଥାତ୍ ୧୯୮୦ ପରେ ପରେ ଆଧୁନିକ ଓଡ଼ିଆ କବିତାରେ ହୃଦାନନ୍ଦ ପାଣିଗ୍ରାହୀଙ୍କ କବିତା ଲୋକାଦ୍ରୁତି ପାଇଲା । ପତ୍ର- ପତ୍ରିକାରେ ତାଙ୍କ କବିତାର ବିକାଶ ଘଟିଲା । ୧୯୯୦ ମସିହାର ପ୍ରଥମ କବିତା ସଂକଳନ 'ଅନନ୍ତ ପ୍ରେମର ଗୀତ' ଆତ୍ମ ପ୍ରକାଶ କଲା । ୧୯୯୧ରେ 'ଲୁହର ଟୋପାଏ ଜହ୍ନ' ଓ ୧୯୯୪ରେ 'ନଷ୍ଟ ପାଦ' ନାମରେ ଦୁଇଟି କବିତା ସଂକଳନ ଓଡ଼ିଆ କବିତାକୁ ପରିବୃଦ୍ଧି କଲା । ପରେ ପରେ ହୃଦାନନ୍ଦଙ୍କ ଲେଖନୀରୁ 'ଆରତ ନଳୀନୀ ବନ', 'ଝରିପଡୁଥିବା ଶୂନ୍ୟତା', 'ଗୋଟାପଣେ ଦୁଃଖରେ', 'ଶକୁନ୍ତଳା' ଏବଂ 'ଆଗ ପାହୁଡ' ଆଦି କବିତାକୁ ସମୃଦ୍ଧ କଲା । ୨୦୦୫ ମସିହାରେ 'ମାଟିକଥା', ୨୦୦୮ ମସିହାରେ 'ପାଣି ଫୋଟକା' ଓ 'ମନେପଡେ' ଆଦି କବିତା ସଂକଳନ ହୃଦାନନ୍ଦ ପାଣିଗ୍ରାହୀଙ୍କୁ ବିଶେଷ ପରିଚିତ କରାଇଲା ।

ଆଧୁନିକ ଓଡ଼ିଆ କବିତାରେ ହୃଦାନନ୍ଦଙ୍କ କବିତାର ଭୂମିକା କ'ଣ ? ତାଙ୍କ କବିତାରେ କ'ଣ ଅଛି ? ଏସମ୍ପର୍କରେ କବିଙ୍କର ନିଜସ୍ୱ ଉକ୍ତି ହେଲା- "ଛାତିରୁ ଚିପୁଡି ହୋଇ ଆସିଥିବା ଉଚ୍ଛ୍ୱାସ ଟିକକ ମୋ କବିତା । ମୋ କବିତା ଗାଁ ମାଟି ପାଣି, ପବନର ନିରୁତା କଥା । ସାଧାରଣ ମଣିଷର କଥା ହିଁ ମୋ' କବିତା ।"(୧) ତେବେ ହୃଦାନନ୍ଦଙ୍କ କବିତାରୁ ମାଟିର କଥା, ଦରଦୀମାନବବାଦୀ, ଗାଁ ଦୃଷ୍ଟଭଙ୍ଗୀ ଏବଂ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI: https://doi.org/10.5281/zenodo.13705863
Article No - BPPP00224

**ଯୋଗାଯୋଗ :**
**ଡ. ଅରବିନ୍ଦ ଦାସ,** ଅଧ୍ୟାପକ, ଓଡ଼ିଆ ବିଭାଗ
ଆଗରପଡ଼ା କଲେଜ, ଆଗରପଡ଼ା, ଭଦ୍ରକ
**E-Mail ID:** arabindadas.abc@gmail.com
**ORCID ID:** https://orcid.org/0009-0001-2585-7348

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୬.୨୦୨୪ | ୧୭.୭.୨୦୨୪ | ୨୫.୭.୨୦୨୪ | ୧.୯.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଦାସ, ଅରବିନ୍ଦ, ୨୦୨୪ । ଆଧୁନିକ ଓଡ଼ିଆ କବିତାରେ ହୃଦାନନ୍ଦ ପାଣିଗ୍ରାହୀ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଚ, ପୃଷ୍ଠା :୪୭-୫୦ ।

ପ୍ରେମ ପ୍ରଣୟ ଭିତରେ ସ୍ମୃତି-ଅନୁଭୂତିର ଉଚ୍ଚାରଣକୁ ହୃଦୟଙ୍ଗମ କରିହୁଏ । ସାମାଜିକ ଜନଜୀବନର ବାସ୍ତବ ଚିତ୍ର ତାଙ୍କ କବିତାରେ ପରିଲକ୍ଷିତ । ଶବ୍ଦ ବସାଣର ଚମତ୍କାରିତା ତାଙ୍କ କବିତାର ପରିଚିତି ପାଇଁ ଆଣିଦିଏ ଅନ୍ୟ ଏକ ଭିନ୍ନତା । ମିଥିକ୍ ଚରିତ୍ର, ଘଟଣା, ଶବ୍ଦ, ପରିବେଶର ପ୍ରୟୋଗ ତାଙ୍କ କବିତାର ଆଉ ଏକ ସ୍ୱତନ୍ତ୍ରତା । ଏଥି ସହିତ ତାଙ୍କ କବିତାରେ ଲୋକ କଥା ଓ ଗାଉଁଲୀ କଥନ ଭଙ୍ଗୀକୁ ମଧ୍ୟ ଅନୁଶୀଳନ କରାଯାଇପାରେ ।

ଅଭାବ- ଅସୁବିଧା ଓ ଜୀବନର ବାସ୍ତବ ଚିତ୍ର ହୃଦାନନ୍ଦଙ୍କ କବିତାକୁ ପରିପୁଷ୍ଟ କରିଛି । ଭିନ୍ନ ସକାଳ, ଉଦା ରୁମାଲ, ଆଉ ଜଣେ ରାଧା, ଆଜି କିଛି ନାହିଁ, ପାପୁଲିଏ ସ୍ୱପ୍ନ ଆଦି ହତାଶା ଭିତରେ କବିର ଅନ୍ତର ଆତ୍ମାକୁ ଉଦ୍‌ବେଳିତ କରିଛି । 'ଦିନେ କବିତା'ରେ କବି କହିଛନ୍ତି-

"ଦିନେ ଦିନେ ଶୋଇ ପାରେ ନାହିଁ
ସବୁଜ ଜଙ୍ଗଲ ସେ ପଟେ
ମିଟି ମିଟି ଦୂର ତାରାଟିଏ ।
ଆଖିର କରୁଣ ଶିଖା ଜଳୁଥାଏ
ଜଳୁଥାଏ ନୀଳ ଜହ୍ନ
ଶୁଭୁଥାଏ ପବନର ବେସୁରା ସଙ୍ଗୀତ ।"[୨]

ତଥାପି ଯାହା କରିବାର ଥିଲା ତାହା ବ୍ୟକ୍ତ କରିପାରି ନାହାଁନ୍ତି କବି । ତେଣୁ ସେ ଅବ୍ୟକ୍ତବ୍ୟଥାକୁ ପ୍ରକାଶ କରି କହନ୍ତି – "ଆହୁରୀ ଅନେକ କିଛି ବାକି ରହିଯାଏ । ସବୁବେଳେ ଏହି ଅଧୀରତାରେ ହିଁ ଖୁବ୍ ବେଶୀ ସନ୍ତୁଳି ହେବାକୁ ପଡ଼େ । ଜହ୍ନ ରାତିରେ ପବନର ସୁଗନ୍ଧରେ ଭାସିଭାସି ଯିବାବେଳେ କି ଆକାଶକୁ ଚାହିଁ ସ୍ୱପ୍ନ ଦେଖିବା ବେଳେ ଭିଡ଼ିଧରେ ଶୂନ୍ୟତା । ଲୁହ ଟୋପାଏ ହେଇ ଝରି-ପଡ଼ିବା ଛଡ଼ା ଆଉ କି ଚାରାଥାଏ ?"[୩]

ହୃଦାନନ୍ଦଙ୍କ କବିତାରେ ମଣିଷ ନିଜକୁ, ସମାଜକୁ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁଛି । ପୁଣି ଅନେକ ଅନେକ ଅମୀମାଂସିତ ପ୍ରଶ୍ନ ତା' ଆଖି ସାମ୍ନାରେ ନାଚିଛି । ବେଳେବେଳେ କବିର ଆତ୍ମା ମଧ୍ୟ ସମାଧାନର ବାଟ ଖୋଜି ନିରାଶ ହୋଇଛି । ସୁଖ-ଦୁଃଖର ଦୋଛକିରେ କବିଙ୍କର ଅନେକ ପ୍ରଶ୍ନ । ଯଥା-

"ଦୁଃଖ କ'ଣ କାମନାର କରୁଣ ମନ୍ଦିର
ନିବୁଜ ଘରର ଗୁମ୍‌ସୁମ୍ ଉତ୍ତରଟେ କ'ଣ ଦୁଃଖର ଜୀବନ ।
ଦୁଃଖ କ'ଣ ସୀମାହୀନ ସମୁଦ୍ରର ଅଶାନ୍ତି ନହଡି
ବାଲ୍ମୀକି ପରିକା ଓଦା ଲୋକଟି କ'ଣ ଦୁଃଖ
କିବା ଓଦା ଏକ ଗ୍ୟାଲେରିକୁ ଛୁଉଁଥିବା ଶୂନ୍ୟ ଏଲିଜିଟେ
କୋହ କ'ଣ ଛାତି ଭିତରର କରୁଣ ଗପଟେ ।"[୪]

ଗାଁ କଥା, ମାଟି-ପାଣି-ପବନ କଥା ହିଁ ହୃଦାନନ୍ଦଙ୍କ କବିତା । ତାଙ୍କ କବିତାରେ ଆତ୍ମୀୟତାର ଝଲକ୍ ଓ ପଡ଼ିଶାର ମୋହ ପାଠକକୁ ବାନ୍ଧିରଖିବାକୁ ପ୍ରୟାସ କରିଛି । ବଦଳୁଥିବା ସମୟ, ଆଚାର ବ୍ୟବହାର ଓ ପରିବେଶ ସଂପର୍କରେ କବିପ୍ରାଣ ସମାଜକୁ ସଚେତନ କରାଇବାର ଇସାରା ଦେଇଛି । ଗାଁର ଏକାଠି-ପଣ ଆଜି ମୁରବୀଶୂନ୍ୟ । ଏଥିରେ କବି ଅତ୍ୟନ୍ତ ଦୁଃଖୀତ । ତେଣୁ ସେ ଏହି ଦୁଃଖର କଥାକୁ ରୂପ ଦେବାକୁ ଯାଇ ଲେଖିଛନ୍ତି-

"ଆମେ ଅଳପିକା ନୋକ
ଛୋଟ ମୁହଁରେ ବଡକଥା
କାହୁଁ ନେଉଟିବ ?
ସେଥିପାଇଁତ ତୁଣ୍ଡରେ ନଥାଏ ଉତ୍ତର ।"[୫]

ପ୍ରକୃତରେ ଗାଁର ବାସ୍ତବ ସୁଖ ଏବେ ଦୂରେଇ ଯାଇଛି । ଏହା ହୃଦାନନ୍ଦଙ୍କ କବିତାରେ ରୂପାୟିତ ହୋଇଛି । ମଣିଷ ଆଜି ବୃଥା ଓ ମିଛ ବାହାସ୍ଫୋଟରେ ନିଜର ସାମର୍ଥ୍ୟ ପ୍ରତିପାଦନ କରୁଛି । ଏହି ଅବକ୍ଷୟକୁ କବିର ଅନ୍ତର ଆତ୍ମା ଦେଖୁଛି । ବେଳେବେଳେ କିଛି କହିପାରୁନାହିଁ । ପୁଣି କେତେବେଳେ ଦୁଃଖିନୀ ଝିଅର ଦୁଃଖରେ କାତର ହୋଇଯାଇଛି । ଫଳରେ ବୋଲ୍‌ଡୋଜର୍ ମାଧ୍ୟମରେ କବିପ୍ରାଣ ମଣିଷର ଅହଙ୍କାର, ଅହମୀକା, ମିଛ ପ୍ରହେଳିକା, ବୃଥାଦମ୍ଭକୁ ଭାଙ୍ଗି ଦେବାକୁ ଚେଷ୍ଟାକରିଛି । ମାତ୍ର କିଏ ଶୁଣିବ ଏ କଥା ? ଏକଥା ଶୁଣିବାକୁ କାହା ପାଖରେ ସମୟ ନାହିଁ । ତଥାପି କବିମନ ସନ୍ତୁଳିତ ହୋଇଛି । ସେ କହିଦେଇଛନ୍ତି-

"କଉଁ ହସି ହଉଚି
ମନ ଖୋଲି
ନା ଅଧର୍ମ ବିରଦ୍ଧରେ
ପଦେ ତୁଣ୍ଡ ଖୋଲି ହଉଚି
ଯୋର କରି ?
ଦେବ ଦେବୀଙ୍କ ଆଖିରୁ
ବେଳେବେଳେ ଲୁହ ଝରୁଛି
ନିଆଁ ଲାଗିଯାଇଛି
ସକଳ ସୁଖଶାନ୍ତିରେ ଆମରି ।"[୬]

ଗାଁ ଆଜି ପ୍ରାକୃତିକତାକୁ ହରେଇ ଦେଇଛି । କୃତ୍ରିମତାକୁ ନିଜର କରିଛି । ଫୁଲ, ଫଳ, ବାସ୍ନାରେ... ସବୁଠି ଆଜି କୃତିମର ଛଟା । ସବୁଠି ଆଜି ଲୁଟ୍, ଧର୍ମଘଟ, ଷଡଯନ୍ତ୍ର, ସଂଘର୍ଷ ଓ କରୁଣ ହତାଶ । ସହରୀ ସଭ୍ୟତାକୁ କବି ଦଗାବାଜ୍ ଦାରୁଣ ସହର ଭାବେ ଅଭିବ୍ୟକ୍ତ କରିଛନ୍ତି । ତଥାପି କିପରି ସହରୀ ହେବାର ନିଶା ଘାରୁଛି ସମସ୍ତଙ୍କୁ ତାହା ହୃଦାନନ୍ଦଙ୍କ କବିତାରୁ ସ୍ପଷ୍ଟ ବାରିହୁଏ । ମଣିଷର ବିକଳ ବ୍ୟକ୍ତିତ୍ୱ ଆଜି ନୂତନର ସ୍ୱାଦ ଖୋଜୁଛି । ବୃଥା ସମ୍ଭାବନାର ଆଶାରେ ବଞ୍ଚିବାର ନିଶାତକକୁ ସଭ୍ୟତାର ଜୟଯାତ୍ରାରେ ନିଲାମ

କରୁଛି । ଏମିତି ଏକ ଭିତ୍ତିଭୂମି ଓ ପୃଷ୍ଠଭୂମି ଉପରେ ଶ୍ରୀ ପାଣିଗ୍ରାହୀଙ୍କ କବିତା ଲୋକଜୀବନ ଓ ଗାଉଁଲୀ ସଭ୍ୟତାକୁ ସଚେତନ କରିବାକୁ ଆହ୍ୱାନ ଦେଇଛି ।

ଜଣେ ଦରଦୀ ମାନବବାଦୀ ଏବଂ ରୋମାଣ୍ଟିକ୍ କବି ଭାବେ ହୃଦାନନ୍ଦଙ୍କୁ ପରିଚିତି ଦିଏ ତାଙ୍କ ଅନେକ କବିତା । ତେଣୁ ସେ ଅବହେଳିତ ଗାଁଉଲୀ, ଗରୀବ ସାଧାରଣ ଜନତାର ଅଭାବ ଅନଟନକୁ ତାଙ୍କ କବିତାରେ ପ୍ରକାଶ କରିଛନ୍ତି । ଏଇ ବି ଗାଁ, ପଡ଼ୋଶୀ ଚୁପ୍‌ଚାପ୍ ରହିବା ଭଲ, ଚିତ୍ରଟିଏ ଗାଁର, ଅବକ୍ଷୟ, ଗାଁ ଏମିତି ନଥିଲା, ନକ୍ସା, ରାସ୍ତାକାମ, ଧାନକଟାବେଳେ, ସବାଖିଆ, ପାଛିଆବାଲା, ଭୋଟ୍‌ପରେ, ମାଟିକଥା ଓ ଚଉକି ଆଦି କବିତାରେ ଗାଁ ଓ ଗାଁର ଅଭାବ-ଅନଟନୀୟର ନିଦର୍ଶନ ଦେଖିବାକୁ ମିଳେ । ଗାଁ ଓ ଗରିବଙ୍କ ପାଇଁ କେତେ ଯୋଜନା ଆସେ; ସବୁ ଫସର ଫାଟିଯାଏ । ସିଆଣିଆଙ୍କ ହାତରେ ସବୁତକ ଟଙ୍କା ବାଟମାରଣା ହୋଇଯାଏ । ଗରିବ ଲୋକମାନେ ଯଉ ଭକୁଆକୁ ସେଇ ଭକୁଆ । ରାସ୍ତାକାମ ବହୁ କଷ୍ଟରେ ଆସେ । ମାତ୍ର, ରାସ୍ତା ହୋଇ ପାରେ ନାହିଁ । ନାମ ମାତ୍ର ରାସ୍ତା ତିଆରି... । ଏହାର ଝଲକ୍ ହୃଦାନନ୍ଦଙ୍କ କବିତାରେ ଏହିପରି-

"ପୋଡ଼ା କପାଳ ଗାଆଁ
ଢେର ଦିନ ପରେ
ମିଳିଲା ଗୋଟେ ରାସ୍ତାକାମ,
ପହିଲେ ହୁରିହାଲର ପଡିଲା
ଭାରିଯୋର ।
× × ×
ର, ଠ, କାମକରି
କେମିତି ବଂଣ୍ଡା କୁଂଟା ହୋଇଗଲା
ଟଙ୍କା ଟୋକର ।
× × ×
ଦୁସୁରା କାମଟେ ପୁଣି ହେବ
ଗାଆଁରେ
ବାଣ ଫୁଟେଇ ଛଇଲାଟ କଲେଣି
ଦଳେ ନାମଜାଦା ଲୋକେ,
ତେଣେ ଦାରିଦ୍ର, ଋଣ ଭାରରେ
ଏଦେଶ କେମିତି
ଅଣ୍ଟା ସଳଖି ଠିଆ ହେବ ?"(୭)

ମଣିଷର ଅହଂକାର, ରାଗରଷା, ଅଭିମାନ ଏସବୁ ମାୟାଖେଳ ପରି । ପାଣି ଫୋଟାକା ଭଳି ଏଗୁଡ଼ିକ କ୍ଷଣିକରେ ଲିଭିଯାଏ ଓ ଉଭେଇଯାଏ । ହୃଦାନନ୍ଦଙ୍କ କବିତାରେ ଏହାର ରୂପ ଏମିତିଭାବେ ପ୍ରକଟିତ । ଯଥା-

"ମିଳେଇ ଯାଏ ଆଖି ପିଛୁଳାକେ
ଯେମିତି ଆମ ଅହଂକାର
ପଲକ ପରି କ୍ଷଣିକ
ଦଣ୍ଡେ ଖରା, ଦଣ୍ଡେ ଛାଇ
ପକ୍ଷେ ଆଲୁଅ, ପକ୍ଷେ ଅନ୍ଧାର
ଏ ଜୀବନ ମାୟାଖେଳ ।"(୮)

ଅଧ୍ୟାପକ ବିଶ୍ୱରଞ୍ଜନ ଦାସଙ୍କ ମତରେ – "...ଅହଂ ପ୍ରମତ୍ତ ମଣିଷର ଜୟନାଦ ଓ ପରାଜୟର ଗ୍ଲାନି ସାମାଜିକ ସଂକଟ ଓ ଅଦୃଷ୍ଟର ବିଭୀଷିକା ଭିତରେ କାବ୍ୟ ପୁରୁଷ ଅନୁଭବ କରିଛି ଯେମିତି ଅନ୍ତଃସାର ଶୂନ୍ୟ ଈର୍ଷା, ଅସୂୟା, ଭୟ, ଓ ଅବିଶ୍ୱାସର ନିଆଁରେ ପୋଡି ହୋଇଯାଉଛି ଯେମିତି ଛାତିରେ ସାଇତା ମହୁଟୋପାକ । ଲକ୍ଷେ ସ୍ୱପ୍ନରେ ପୂର୍ଣ୍ଣ ଶ୍ୟାମଳ ଆକାଶ ପାଲଟି ଯାଉଛି ଏକ ଶୂନ୍ୟ ମହୋତ୍ସବ । ଉଜୁଡି ଯିବାଟା ଯେମିତି ନିୟତି । ପାଣି ଫୋଟକାପରି ମିଳେଇ ଯିବାରେ ହିଁ ସମାପ୍ତି ।"(୯)

ପ୍ରେମ-ପ୍ରଣୟର କବିରୂପେ ମଧ୍ୟ ହୃଦାନନ୍ଦ ପାଣିଗ୍ରାହୀ ପରିଚିତି ପାଆନ୍ତି ତାଙ୍କ ବିଭିନ୍ନ କବିତାରୁ । ସ୍ମୃତି ଅନୁଭୂତି, ଜୀବନରେ ପାଇବା ଓ ହରେଇବା, ସ୍ୱପ୍ନ ଆଉ ବାସ୍ତବତା ଭିତରେ କବିମନ ପୁରୁଣା ଅତୀତକୁ ମନେ ପକାଏ । ତାଙ୍କର ଅନେକ କବିତା ସ୍ୱପ୍ନ ଆଉ ସ୍ମୃତିକୁ ସାଉଁଟୁଥିବା ଅନୁଭବୀମାନଙ୍କୁ ମନେ ପକାଇଦିଏ । ତାଙ୍କର 'ମନେପଡ଼େ ଆଜି' ସଂକଳନରେ ପ୍ରାୟତଃ ସମସ୍ତ କବିତାଗୁଡ଼ିକୁ ପ୍ରେମର ପୁରୁଣା ସ୍ମୃତିକୁ ଆପଣେଇଛି । ଯଥା-

"ମନେପଡ଼େ ଆଜି ନିରୋଳା ଲଗନେ
ସେ ଦିନର ମିଠାଗୀତ
ନେଳୀ ଶିଉଳିର ଖସଡ଼ା ତୁଠରେ
ଖସିଥିଲା ମୋର ପାଦ ।"(୧୦)

କବିଙ୍କର କବିତାର ନାମକରଣ ମଧ୍ୟ ପ୍ରେମ-ପ୍ରଣୟ ଧର୍ମୀ । ଦୃଷ୍ଟାନ୍ତ ସ୍ୱରୂପ- ଯେତେ ମନାକଲେ, ମନେପଡ଼େ ଆଜି, ଅଧୁରା ରହିଲା ରାତିର ସ୍ୱପନ, ମନର ମଣିଷ ପାଖରେ ପାଇଲେ, ମନକାଗଜରୁ, ଅଧାବାଟେ ଏକାକରି, ତୁମେ ଲେଖିଥିବା ଚିଠି, ସବୁଠାରୁ ବେଶୀ ଭଲପାଅ ବୋଲି, ଭୁଲି ପାରିନାହିଁ ଆଦି କବିତାଗୁଡ଼ିକ ପ୍ରେମ ପ୍ରଣୟର ସାର୍ଥକ ନିଦର୍ଶନ । ଏହି ସବୁ କବିତାର ନାମକରଣକୁ ଯୋଡ଼ିଦେଲେ ଏହା ଏକ ଚମ୍‌କାର ରୋମାଣ୍ଟିକ୍ ପ୍ରେମ କବିତାଭାବେ ପରିଚିତି ପାଇପାରେ । କବିତା କେମିତି ଦୁଇ ପ୍ରେମୀକୁ ମିଳନ କରାଏ ତାର ନମୁନାରେ କବି କହିଛନ୍ତି-

"କବିତା ଆମକୁ କରାଇଚି ସିନା ନିକଟୁଁ ନିକଟତର
ହୃଦୟ ଭିତରେ ଦେଖୁଛି ତୁମକୁ ନୀରବେ ଥରକୁ ଥର"(୧୧)

ହୃଦାନନ୍ଦଙ୍କ କବିତାଗୁଡ଼ିକ ବେଳେବେଳେ ସଂଗୀତର ସ୍ୱର

ଝଙ୍କାର କରେ । ପୁଣି କେତେବେଳେ କଥନ ଭଙ୍ଗୀକୁ ଆପଣେଇ ନିଏ । ଗୁଣୁ ଗୁଣୁ ସ୍ୱର ଭିତରେ ସୁନ୍ଦର ରାଗିଣୀକୁ ମନେପକାଏ । କେତେକାଂଶରେ କବିତାଗୁଡ଼ିକ ଛନ୍ଦମୟତା ଓ ଗୀତିମୟତାକୁ ନିଜର କରିପକାଏ । ଏହି ଗୀତିମୟତା ଓ ସାଙ୍ଗୀତିକତା 'ମନେପଡ଼େ ଆଜି' କବିତା ସଂକଳନକୁ ଭରପୁର ଫାଇଦା ଦେଇଛି । ଯଥା-

"ମିଛି ମିଛି ମନ ମିଛ ସପନରେ
ଗଢ଼ିଥିଲି ଗୋଟେ ଘର
ଗଲାଭାଙ୍ଗୀ ତାହା ନିମିଷକେ ଆହା
ଭରିଦେଇ ହାହାକାର ।"[(୧୨)]

ମିଥ୍‌ର ପ୍ରୟୋଗ ଏବଂ ଲୋକ ସଂସ୍କୃତିର ବ୍ୟବହାର ହୃଦାନନ୍ଦଙ୍କ କବିତାର ଅନ୍ୟଏକ ବୈଶିଷ୍ଟ୍ୟ । 'ଦ୍ରୌପଦୀ ବେଶ', 'ସ୍ୱଚ୍ୟଗ୍ର ମେଦିନୀ', 'କୁରୁକ୍ଷେତ୍ର', ଆଦିର ଚମ୍ତକାର ବ୍ୟବହାର ଏବଂ କବିତାର ଭାବବସ୍ତୁରେ ତା'ର ଯଥାର୍ଥତା ଏହି ମିଥିକ୍ ଧର୍ମିତାକୁ ଗ୍ରହଣ କରିଛି । ସେହିପରି 'ପିଠାକଳି', 'ସେରମାଣ', 'ଧୂର୍ତ୍ତମାଙ୍କଡ଼' ଆଦି ଲୋକଧର୍ମୀ କାହାଣୀର ଉପାଦାନ ମାଧ୍ୟମରେ ହୃଦାନନ୍ଦଙ୍କ କବିତାକୁ ପରିପୃଷ୍ଟ କରିଛି । ଏଥିରେ ଗ୍ରାମ୍ୟ ସଭ୍ୟତା ଓ ସଂସ୍କୃତିକୁ ଧରିରଖିଛି । ସାମାଜିକ ଜନ-ଜୀବନର ଚିତ୍ରକୁ ଉପସ୍ଥାପନ କରି ସମାଜର ଅବକ୍ଷୟ ସଂସ୍କୃତି ଉପରେ ନଜର ରଖିଛି ।

ଶବ୍ଦବସାଣରେ ଚମ୍ତକାରିତା ହୃଦାନନ୍ଦଙ୍କ କବିତାର ଆଉ ଏକ ସଫଳ ନିଦର୍ଶନ । ବିଶେଷକରି ଗାଉଁଲି ଶବ୍ଦ ତାଙ୍କ କବିତାର ସୌନ୍ଦର୍ଯ୍ୟକୁ ପ୍ରକଟିତ କରିଛି । ପୁଣି ଯୋଡ଼ାଶବ୍ଦର ବ୍ୟବହାର ଯଥା- ଠୋପାଠୋପା ଅଙ୍କଅଙ୍କ, ଭଣଭଣ, ବିନ୍ଦୁବିନ୍ଦୁ, ଭିଜାଭିଜା, ଧକେଇ ଧକେଇ ଆଦି ଶବ୍ଦଗୁଡିକ କବିତାକୁ ଶୋଭାବର୍ଦ୍ଧନ କରିବା ସହିତ ପାଠକ ଏବଂ ଶ୍ରୋତାଙ୍କୁ ଶ୍ରୁତିମଧୁର କରାଇଛି ।

ଆଧୁନିକ ଓଡ଼ିଆ କବିତାରେ ହୃଦାନନ୍ଦଙ୍କ କବିତା ରୋମାଣ୍ଟିକ୍ ମାନବବାଦକୁ ଆପଣେଇଛି । ବେଳେବେଳେ ଉତ୍ତରଆଧୁନିକ ଧାରାକୁ ନିଜର କରିବାକୁ ପ୍ରୟାସ କରିଛି । ଗାଁ ମାଟିର କଥା କହୁକହୁ ତାଙ୍କ କବିତାଗୁଡ଼ିକ ସାମାଜିକ ଜନଜୀବନର ବାସ୍ତବ ଚିତ୍ରକୁ ଉପସ୍ଥାପନ କରିଛି । ଜୀବନର କ୍ଷଣିକ ସତ୍ତାକୁ ପାଣିଫୋଟକା ମାଧ୍ୟମରେ ଅନୁଭବ କରିଛି । ସାଧାରଣ ଜନତାର ହସକାନ୍ଦକୁ ନବଜୀବନ ଦେଇଛି । ତାଙ୍କ କବିତାଗୁଡ଼ିକ ବେଶ୍ ରୁଚୀପୂର୍ଣ୍ଣ ଓ ହୃଦୟ ସ୍ପର୍ଶୀ । ଗାଁ-ମାଟି-ପାଣି-ପବନକୁ ଭଲପାଉଥିବା ଦରଦୀ କବିଭାବରେ ହୃଦାନନ୍ଦ ଖୁବ୍ ପ୍ରଶଂସାର ପାତ୍ର । ଏହି ସବୁକୁ ଭଲପାଉଥିବା କବିଙ୍କର କବିତା ମଧ ବିଶେଷଭାବେ ଗାଁଆ ମାଟିର କଥା କହିଛି ।

## ପ୍ରାନ୍ତଟୀକା:

୧. ପାଣିଗ୍ରାହୀ, ହୃଦାନନ୍ଦ : ପାଣି ଫୋଟାକା: ସରସ୍ୱତୀ ପ୍ରକାଶନୀ, ସାଳନ୍ଦୀ ବାଇପାସ, ଭଦ୍ରକ; ପୁସ୍ତକର ଜାକେଟ ବା ମଲାଟର ପଛପଟ ଭିତରୁ ଉଦ୍ଧାରିତ ।

୨. ପାଣିଗ୍ରାହୀ, ହୃଦାନନ୍ଦ : ଲୁହର ଟୋପାଏ ଜହ୍ନ: ଲିଜେଣ୍ଡ୍ ପବ୍ଲିକେଶନ୍ସ, ଏଲ୍.ଆଇ.ଜି.୧୯୬, ବିଟ୍ କଲୋନୀ, ନୂଆପଲ୍ଲୀ, ଭୁବନେଶ୍ୱର; ପ୍ରଥମ ପ୍ରକାଶ ୧୯୯୧, ପୃଷ୍ଠା-୫ ।

୩.. ପାଣିଗ୍ରାହୀ, ହୃଦାନନ୍ଦ : ଲୁହର ଟୋପାଏ ଜହ୍ନ: ପୃଷ୍ଠା-୫ ।

୪. ପାଣିଗ୍ରାହୀ, ହୃଦାନନ୍ଦ : ନଷ୍ଟପାଦ: ମହାନଦୀ ବୁକ୍ସ, ମୂଲ୍ୟାୟନ ବିହାର, ଏମ୍, ଏ, ୫୨ ସାମ୍ନା ଜି.ଜି.ପି କଲୋନୀ, ରସୁଲ୍‌ଗଡ, ଭୁବନେଶ୍ୱର; ପ୍ରଥମ ସଂସ୍କରଣ-ସେପ୍ଟେମ୍ବର-୧୯୯୪, ପୃଷ୍ଠା-୨୪ ।

୫. ପାଣିଗ୍ରାହୀ, ହୃଦାନନ୍ଦ : ମାଟିକଥା: ବିଜୟିନୀ ପବ୍ଲିକେନ୍ସ, ଶଙ୍କରପୁର, ଅରୁଣୋଦୟ ମାର୍କେଟ, କଟକ; ପ୍ରକାଶ କାଳ-

❖ ❖ ❖